# ମୋ ସ୍ମୃତିରେ ସଂସ୍କୃତି ବିହାର

• ହରିଶ ମହାନ୍ତି

୧୯୭୯ ମସିହା, ନଭେମ୍ବର ମାସ । କଟକରେ ଚାଲିଥାଏ ଐତିହାସିକ ବାଲିଯାତ୍ରା ଉତ୍ସବ । ସାରା ଓଡ଼ିଶାର ଲୋକମାନଙ୍କର ସୁଅ ଛୁଟିଥାଏ କଟକ ସହରକୁ । ଲୋକମାନଙ୍କର ଭିଡ଼ ଏମିତି ଜମିଥାଏ ଯେ- ସନ୍ଧ୍ୟାବେଳେ ରାସ୍ତାରେ ଚାଲିବା କଷ୍ଟକର ହେଉଥାଏ । ବାଲିଯାତ୍ରା ପଡ଼ିଆର କଥାତ ନ କହିଲେ ସରେ । ଯେଉଁଠି ନଜର ପକାଅ, ଖାଲି ଲୋକ ହିଁ ଲୋକ । ସମସ୍ତେ ଯେମିତି ଏକା ନିଃଶ୍ୱାସରେ ମାଡ଼ି ଚାଲିଥାଆନ୍ତି । ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଆଉ ପ୍ରତିଷ୍ଠିତ ଗାୟକ ଓ ଗାୟିକା ମାନଙ୍କର ସୁମଧୁର ସ୍ୱରରେ ବାଲିଯାତ୍ରା ପଡ଼ିଆ ପଡୁଥାଏ ଆଉ ଉଠୁଥାଏ । ଦହିବରା-ଆଳୁଦମ୍, ଠୁଙ୍କାପୁରି ଓ ଗୁପ୍‌ଚୁପ୍‌ର ମଜା ନେଉଥାଆନ୍ତି ଲୋକମାନେ । ପିଲାମାନଙ୍କର ଖୁସି ତ କହିଲେ ନ ସରେ । କିଏ ବେଲୁନ ତ କିଏ କାଗଜ ତିଆରି ଚକ୍ରି କିଣିବା ପାଇଁ ବାପାମାଆଙ୍କ ପାଖରେ ଜିଦି କରୁଥାଆନ୍ତି ଆଉ କିଏ ରଙ୍ଗ ବେରଙ୍ଗର ଆଇସ୍‌କ୍ରିମ ଖାଇବା ପାଇଁ । ହେଲେ ସବୁଠୁ ବେଶି ଭିଡ଼ ଲାଗିଥାଏ ଦୋଳି ପାଖରେ । ସତରେ ସେ ସବୁର ଦୃଶ୍ୟ ନିଆରା ।

କଟକର ସେ ପ୍ରସିଦ୍ଧ ବାଲିଯାତ୍ରା ଦେଖିବାର ସୁଯୋଗକୁ ମୁଁ ମଧ ହାତଛଡ଼ା କରି ନ ଥିଲି । ମୁଁ ମଧ ମୋର କିଛି ସାଙ୍ଗମାନଙ୍କ ସହିତ ଭୁବନେଶ୍ୱରରୁ କଟକ ଆସିଥିଲି । କାରଣ ସେତେବେଳେ ମୁଁ ଭୁବନେଶ୍ୱରରେ ରହି ଉତ୍କଳ ସଙ୍ଗୀତ ନାଟକ ମହାବିଦ୍ୟାଳୟରେ ନାଟକ ବିଭାଗରେ ପାଠ ପଢୁଥିଲି । ଭିଡ଼ ଭିତର ଦେଇ ଆମେ ସମସ୍ତେ ଆଗକୁ ଯାଉଥିଲୁ । ହଠାତ୍ ମୋର ନଜର ପଡ଼ିଲା ଗଡ଼ଖାଇ ପାଖରେ ଠିଆ ହୋଇଥିବା ହଜାର ହଜାର ଲୋକଙ୍କ ଉପରେ । ପ୍ରଥମେ ତ ମୁଁ ଡରି ଯାଇଥିଲି । ଭାବି ନେଇଥିଲି ବୋଧେ କିଛି ଗଣ୍ଡଗୋଳ ହେଇଛି । ମନରେ ଆଶଙ୍କା ରଖି ଭିଡ଼ ଭିତର ଦେଇ ଆମେ ଆଗକୁ ଗଲୁ, ହେଲେ ସେଠାରେ ଯାଇ ଯାହା ଦେଖିଲୁ ତାହା ବିଶ୍ୱାସ କରି ହେଲାନି । ଖାଇର ଗୋଟିଏ ପଟେ ଠିଆ ହୋଇ ହଜାର ହଜାର ଦର୍ଶକ ଦେଖୁଥାଆନ୍ତି ଖାଇ ଆର ପଟେ ହେଉଥିବା "ମହା ନାଟକ'କୁ । ଯେଉଁ ମଞ୍ଚର କୌଣସି ପରିଧି ନାହିଁ, ସୀମା ନାହିଁ, ପୁରା ପଡ଼ିଆଟା ଗୋଟାଏ ମଞ୍ଚ ପାଲଟି ଯାଇଛି । କେଉଁଠି ଘୋଡ଼ା ସଜ ରଥ ଠିଆ ହୋଇଛି ତ କେଉଁଠି ଶହ ଶହ ସୈନ୍ୟ ମଧରେ ଯୁଦ୍ଧ ଚାଲିଛି । ମୁଖ୍ୟ ମଞ୍ଚରେ ମୁଖ୍ୟ କଳାକାର ମାନଙ୍କର ସଂଳାପ ପରିବେଶକୁ ପ୍ରକମ୍ପିତ କରୁଥାଏ । ଆଉ ଦର୍ଶକମାନେ ସନ୍ତ୍ରମୁଗ୍ଧ ହୋଇ ଚାହିଁ ରହି ଥାଆନ୍ତି ଓ ଉପଭୋଗ କରୁଥାଆନ୍ତି କଳାକାରମାନଙ୍କର ଅଭିନୟକୁ ।

କିଛି ସମୟ ପାଇଁ ତ ମୁଁ ସ୍ତବ୍ଧ ହୋଇ ଯାଇଥିଲି । ଏମିତି ଏକ ମୁକ୍ତ ରଙ୍ଗ ମଞ୍ଚରେ ଶହ ଶହ କଳାକାରମାନଙ୍କୁ ନେଇ ନାଟକର ପରିକଳ୍ପନାକୁ ମୁଁ ବିଶ୍ୱାସ କରିପାରୁ ନ ଥିଲି । ସାଙ୍ଗମାନେ ମତେ ବ୍ୟସ୍ତ କରିପକାଇଲେ । କହିଲେ- ଆମକୁ ବାଲିଯାତ୍ରା ଦେଖି ଭୁବନେଶ୍ୱର ଫେରିବାକୁ ପଡ଼ିବ । ହେଲେ ମୋର ନାଟୁଆ ମନଟା ଜମା ମାନୁ ନ ଥାଏ । ଇଚ୍ଛା ହେଉଥାଏ ଖାଇ ଭିତରେ ପଶି ସେ ପଟକୁ ଯିବି ଆଉ କଳାକାରମାନଙ୍କୁ ଦେଖା କରିବି ଓ ନିର୍ଦ୍ଦେଶକଙ୍କୁ ଦେଖାକରିବି ଯିଏ ଏପରି ଏକ ମହାନାଟକ କରିବାର ପରିକଳ୍ପନା କରିଥିଲେ ।

ସାଙ୍ଗମାନେ ମୋ ଉପରେ ରାଗି ଚାଲିଗଲେ ବୁଲିବାକୁ ଆଉ ମୁଁ ଖୋଜି ବୁଲିଲି ସେ ପଟକୁ ଯିବାର ରାସ୍ତା । ପଚାରି ବୁଝିଲି କିଲାର ମୁଖ୍ୟ ଦ୍ୱାର ଦେଇ ଭିତରକୁ ଯିବାର ରାସ୍ତା ଅଛି ସତ, ହେଲେ ଯିବା ସମ୍ଭବ ନୁହେଁ । କାରଣ ପୋଲିସ ଭିତରକୁ ଛାଡ଼ିବନି । ମୁଁ କିନ୍ତୁ ଚେଷ୍ଟା କରିଥିଲି ଓ ବିଫଳ ମଧ ହୋଇଥିଲି । ଶେଷରେ ଭିତରକୁ ଯିବାକୁ ମତେ ଯେଉଁ ରାସ୍ତା ମିଳିଲା, ସେ ରାସ୍ତା ଥିଲା ନିଛାଟିଆ, ଜଙ୍ଗଲିଆ ଆଉ ଖାଇ ପାରି ହେବା ପାଇଁ ମଝିରେ ଥିଲା ଗୋଟିଆ ଭଙ୍ଗା, ପୋଲ । ବିଷଧର ଜନ୍ତୁ ମଧ ବାହାରିବା କିଛି ଅସମ୍ଭବ ନ ଥିଲା । ମନରେ ସାହାସ କରି ଭଙ୍ଗା ପୋଲ ଦେଇ ବାହାରିଲି । କିଛି ଲୋକ ମତେ ମନା ମଧ କଲେ । ହେଲେ ମଞ୍ଚ ପଟକୁ ଯିବାର ନିଶା ମତେ ଏମିତି ଘାରି ଥିଲା ଯେ - ଅଟକାଇ ପାରିଲାନି । ସେଠି ପହଞ୍ଚିଲା ପରେ ମୁଁ ଅନୁଭବ କଲି ମୁଁ ଯେମିତି ଗୋଟାଏ ନୂଆ ଦୁନିଆ ଭିତରେ ପହଞ୍ଚି ଯାଇଛି । କଳାକାରମାନେ ନିଜ ନିଜ ଯାଗାରେ ଠିଆ ହୋଇ ନିଜର Script ଦେଖୁଥାଆନ୍ତି, ମଝିରେ ଲାଗିଥିବା ତମ୍ବୁରେ କିଛି କଳାକାର ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ପରିବେଶଷ କରୁ ଥାଆନ୍ତି । ଆଉ ଯେତେବେଳେ ମୁଁ ପାଖକୁ ଯିବାକୁ ଚେଷ୍ଟା କଲି, କେହି ଜଣେ ମତେ ଅଟକାଇ ଦେଲା ଆଉ ଭିତରକୁ ଆଗେଇବାକୁ ମନା କରିଦେଲା । ମନ ଦୁଃଖରେ ଫେରି ଆସିଲି ସତ, ହେଲେ ଏତିକି ବୁଝି ଆସିଲି ଯେ - ନାଟକଟି ଓଡ଼ିଶାର ସୁପ୍ରସିଦ୍ଧ ସାଂସ୍କୃତିକ ଅନୁଷ୍ଠାନ "ସଂସ୍କୃତି ବିହାର" ପରିବେଶଣ କରୁଛି । ଆଉ ତାର ନିର୍ଦ୍ଦେଶକ

ହେଲେ ଶ୍ରୀଯୁକ୍ତ ନାରାୟଣ ସିଂହ । ଯାହାକୁ ଆମେ ଏବେ ନାରଣ ଭାଇ ବୋଲି ଡାକୁଛୁ ।

କଲେଜ ଗଲା ପରେ ମୁଁ ସେଇ ନାଟକ ବିଷୟରେ ଅନେକ ଆଲୋଚନା କରିଛି । ମୋର ନାଟୁଆ ବନ୍ଧୁମାନଙ୍କ ସହିତ ବହୁତ ତର୍ଜମା ମଧ୍ୟ କରିଛି ଓ ଖୋଜିବାକୁ ଚେଷ୍ଟା କରିଛି ଏମିତି ଏକ ନାଟକ ପରିବେଶଣର ଚିନ୍ତା ଧାରା କ'ଣ ଆଗରୁ କୋଉଠି ଥିଲା ? ଅବଶ୍ୟ ପାଶ୍ଚାତ୍ୟ ସଭ୍ୟତାର ତ୍ରିମୁଖୀ ନାଟ୍ୟ ପରମ୍ପରା ସହିତ ଏହାର କିଛିଟା ସାମଞ୍ଜସ୍ୟ ଥିଲା । ହେଲେ ସିଏ ତ ଶହ ଶହ ବର୍ଷ ତଳର କଥା, ଯାହାର କୌଣସି ରୂପରେଖ କି ଚିହ୍ନ ବର୍ଣ୍ଣ ନାହିଁ । ତାହେଲେ ଏସବୁ ନିର୍ଦ୍ଦେଶକ ନାରାୟଣ ସିଂହଙ୍କ ଚିନ୍ତାଧାରାକୁ ଆସିଲା କେମିତି ? ? ମନେ ମନେ ତାଙ୍କ ଆଗରେ ମୋ ମୁଣ୍ଡ ନଇଁ ଗଲା ଆଉ ଥରୁଟିଏ ତାଙ୍କ ସହିତ ଦେଖା କରିବା ଓ ଆଲୋଚନା କରିବାକୁ ମୋର ବହୁତ ଇଚ୍ଛା ହେଲା ।

୧୯୮୦ ମସିହାରେ ମୁଁ ନାଟକ ମହାବିଦ୍ୟାଳୟରୁ ପାସ୍ କରି କଟକ ଆସିଲି, ଆଉ ପ୍ରଥମ ନାଟକ କଲି ନାଟ୍ୟକାର / ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ରଥଙ୍କ ନାଟକ "ମାଂସର ଫୁଲରେ" । ତାପରେ ମୋର ପରିଚୟ ହେଲା ରବିନ୍ଦ୍ର ପରିଜାଙ୍କ ସହିତ । ସେତେବେଳେ ସେ 'ଅନ୍ନପୂର୍ଣ୍ଣା ବି' ଗ୍ରୁପକୁ ପରିଚାଳନା କରୁଥିଲେ । ଆଉ ସେଇଠୁ ଆରମ୍ଭ ହେଲା ମୋ ନାଟୁଆ ଜୀବନର ଦ୍ୱିତୀୟ ଅଧ୍ୟାୟ । ପରଚୟ ହେବାରେ ଲାଗିଲା ମୋର ଅନେକ ନାଟୁଆ ବନ୍ଧୁମାନଙ୍କ ସହିତ । ସେମାନଙ୍କ ମଧ୍ୟରୁ ଚୌଧୁରୀ ଭାରତୀ କୃଷ୍ଣ ଦାଶ ଜଣେ । ଆଉ ସେ ହିଁ ମତେ ପରିଚୟ କରାଇ ଦେଇଥିଲେ 'ସଂସ୍କୃତି ବିହାର' ସହିତ ଆଉ ନିର୍ଦ୍ଦେଶକ ନାରାୟଣ ସିଂହଙ୍କ ସହିତ, ଯାହାଙ୍କୁ ଦେଖା କରିବାର ସ୍ୱପ୍ନ ମୁଁ ରଖିଥିଲି ।

ଆଗକୁ ପାହାଚ ଚଢ଼ିବାରେ ଅନେକ ଲୋକଙ୍କର ଆଶୀର୍ବାଦ ଦରକାର । ମୁଁ ବି ଆଜି ଯେଉଁଠି ଅଛି କିଛି ଲୋକଙ୍କର ଆଶୀର୍ବାଦ ପାଇଁ । ପ୍ରଥମେ ଭଗବାନ ତାପରେ ମୋ ବୋଉ ଆଉ ଅନ୍ୟମାନେ ହେଲେ - ରବିନ୍ଦ୍ର ପରିଜା, ଅରୁଣ ପଟ୍ଟନାୟକ, ରାଇ ଚରଣ ଦାସ, ବିରେନ୍ ରାଉତ ରାୟ ଓ ନାରାୟଣ ସିଂହ (ନାରଣ ଭାଇ) । ନାରଣ ଭାଇ ମୋ ନିର୍ଦ୍ଦେଶିତ ସବୁ ନାଟକକୁ ଦେଖିଛନ୍ତି ଆଉ ଦୋଷ ତୃଟିକୁ ସୁଧାରିବା ପାଇଁ ଉପଦେଶ ଦେଇଛନ୍ତି ।

ଧିରେ ଧିରେ ତାଙ୍କରି ମାଧ୍ୟମରେ ମୁଁ ଓଡ଼ିଶାର ସୁପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ବିହାର' ସହିତ ଜଡ଼ିତ ହୋଇଗଲି । ଖାଲି ସେତିକି ନୁହେଁ, ମୁଁ ମଧ୍ୟ ସଂସ୍କୃତି ବିହାରର ଜଣେ ସଦସ୍ୟ ହୋଇଗଲି । ନାରଣ ଭାଇଙ୍କ ପ୍ରତ୍ୟେକ ନାଟକକୁ ମୁଁ ଆଲୋକ ପରିଚାଳନା କରିବାକୁ ଆସେ । ଏଇ ୩୦ ବର୍ଷରେ ମୁଁ ଅନେକ ନାଟକ ସଂସ୍କୃତି ବିହାର ସହିତ ଜଡ଼ିତ ରହି ନାରାଣ ଭାଇଙ୍କ ସହିତ କାମ କରିଛି ସତ, ହେଲେ ଭୁଲି ପାରୁନି ଗଡ଼ ଖାଇ ଭିତରର ସେଇ ମୁକ୍ତ ରଙ୍ଗ ମଞ୍ଚର ନାଟକକୁ । ଆଉ ଗୋଟିଏ କଥା, ଅବଶ୍ୟ ନାରଣ ଭାଇ, କହିଲେ ରାଗିବେ । ହେଲେ ଆଜି ଏହି କଲମ ମାଧ୍ୟମରେ ନ କହିଲେ ଅକୁହା ରହିଯିବ । ନାରଣ ଭାଇ - ଆପଣଙ୍କର ସ୍ନେହ, ସହାନୁଭୂତି ଓ ଆଶୀର୍ବାଦ ସବୁ ପାଇଛି । ହେଲେ ଗୋଟିଏ ଜିନିଷ ପାଇନି । ସେଇଟା ହେଲା 'ସଂସ୍କୃତି ବିହାର'ର ନାଟକରେ ଅଭିନୟ କରିବାର ଇଚ୍ଛା । ଯୋଉ ଇଚ୍ଛା ମତେ ଆପଣଙ୍କ ପାଖକୁ ଓ ସଂସ୍କୃତି ବିହାର ପାଖକୁ ଟାଣି ଆଣିଥିଲା । ହେଲେ ଆପଣ କ'ଣ କଲେ ? ଅଭିନୟ ଦେବା ବଦଳରେ ଲାଇଟ ଦାୟିତ୍ୱ ଧରେଇ ଦେଲେ । ରାଗ ତ ମୋର ଆପଣଙ୍କ ଉପରେ ବହୁତ । ହେଲେ କଥା ଦେଉଛି - ମରିବା ପର୍ଯ୍ୟନ୍ତ ସଂସ୍କୃତି ବିହାରର ସବୁ ନାଟକରେ ମୁଁ ଆଲୋକ ପରଚାଳନା କରିବି । କାରଣ ସଂସ୍କୃତି ବିହାର ମୋ ମନରେ ନୁହଁ, ରକ୍ତରେ ମିଶି ଯାଇଛି । ଆଉ ମୁଁ ନିଜକୁ ଧନ୍ୟ ମନେ କରୁଛି ଯେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇ ରଖିଥିବା ଏକମାତ୍ର ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ବିହାରର ମୁଁ ଜଣେ ବୋଲି ।

ଲୁଚି ଯିବି ଦିନେ -
ହଜିଯିବି ଦିନେ
ପାଉଁଶ ହୋଇ ମୁଁ ମାଟିରେ
ସେଇ ପାଉଁଶରୁ ବାହାରୁ ଥିବ ମୋ
ସଂସ୍କୃତି ବିହାର କଥାରେ ।।

❒❒❒